# NATIONAL NEWS BULLETIN (ODIA)

**10 January - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସୋମନାଥ ସ୍ୱାଭିମାନ ପର୍ବରେ ଯୋଗଦେବାକୁ ଆଜି ସନ୍ଧ୍ୟାରେ ଗୁଜରାଟରେ ପହଞ୍ଚିବେ ପ୍ରଧାନମନ୍ତ୍ରୀ

- ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ ୨୦୨୬ ଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଆନୁଷ୍ଠାନିକ ଭାବେ ଆଜି ଉଦ୍‌ଘାଟିତ

–ସଶକ୍ତ ଓ ପ୍ରଗତିଶୀଳ ଦେଶ ଗଠନରେ ଯୁବବର୍ଗଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ, କହିଲେ ପ୍ରଧାନମନ୍ତ୍ରୀ

- ଅପରାଧର ପରିବର୍ତ୍ତିତ ସ୍ଥିତିର ଆକଳନ ଲାଗି ଆଇନଜୀବୀମାନେ ଆଧୁନିକ ପ୍ରଯୁକ୍ତିବିଦ୍ୟାକୁ ଗ୍ରହଣ କରିବା ପାଇଁ ପ୍ରଧାନବିଚାରପତିଙ୍କ ଆହ୍ୱାନ

- ହିନ୍ଦୀ ଭାଷାର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ହିନ୍ଦୀ ଦିବସ

ଏବଂ

- ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍‌ରେ ଆଜି ଅନୁଷ୍ଠିତ ହେବ ୨ଟି ମ୍ୟାଚ୍

# ପି.ଏମ୍. - ଗୁଜରାଟ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୩ ଦିନିଆ ଗସ୍ତରେ ଯାଇ ଆଜି ସନ୍ଧ୍ୟାରେ ଗୁଜରାଟରେ ପହଞ୍ଚିବେ । ଗସ୍ତକାଳରେ ଶ୍ରୀ ମୋଦି ସୋମନାଥ ସ୍ୱାଭିମାନ ପର୍ବରେ ଯୋଗଦେବା ସହ ରାଜକୋଟ, ଅହମ୍ମଦାବାଦ ଏବଂ ଗାନ୍ଧିନଗରରେ ପ୍ରମୁଖ ବିକାଶମୂଳକ ଓ ରଣନୈତିକ କାର୍ଯ୍ୟକ୍ରମରେ ସାମିଲ୍ ହେବେ । ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ଗୁଜରାଟର ସୋମନାଥ ଗସ୍ତ କରି ଓଁକାର ମନ୍ତ୍ର ଜପ ସମାରୋହରେ ଅଂଶଗ୍ରହଣ କରିବା ସହିତ ସୋମନାଥ ମନ୍ଦିରରେ ଆୟୋଜିତ ଡ୍ରୋନ୍ ପ୍ରଦର୍ଶନୀ ମଧ୍ୟ ବୁଲି ଦେଖିବେ ।

ଆସନ୍ତାକାଲି ପୂର୍ବାହ୍ନରେ ପ୍ରଧାନମନ୍ତ୍ରୀ ସୋମନାଥ ମନ୍ଦିର ରକ୍ଷା ଲାଗି ପ୍ରାଣବଳି ଦେଇଥିବା ଅଗଣିତ ଯୋଦ୍ଧାଙ୍କୁ ସମ୍ମାନ ଜଣାଇବା ନିମନ୍ତେ ଆୟୋଜିତ ଏକ ଶୋଭାଯାତ୍ରା 'ଶୌର୍ଯ୍ୟଯାତ୍ରା'ରେ ଅଂଶଗ୍ରହଣ କରିବେ । ଏହି ଯାତ୍ରାରେ ୧୦୮ଟି ଘୋଡ଼ାର ଏକ ପ୍ରତୀକାତ୍ମକ ଶୋଭାଯାତ୍ରା ହେବ, ଯାହା ବୀରତ୍ୱ ଏବଂ ବଳିଦାନକୁ ପ୍ରତିଫଳିତ କରିବ । ପରେ ଶ୍ରୀ ମୋଦି ସୋମନାଥ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହିତ ସୋମନାଥରେ ଏକ ସାର୍ବଜନୀନ ସମାରୋହରେ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରିବାର କାର୍ଯ୍ୟସୂଚୀ ରହିଛି ।

ପ୍ରଧାନମନ୍ତ୍ରୀ ଆସନ୍ତାକାଲି ରାଜକୋଟ ଗସ୍ତ କରିବା ସହ କଚ୍ଛ ଓ ସୌରାଷ୍ଟ୍ର ଅଞ୍ଚଳ ଲାଗି ଭାଇବ୍ରାଣ୍ଟ ଗୁଜରାଟ ଆଞ୍ଚଳିକ ସମ୍ମିଳନୀକୁ ଉଦ୍‌ଘାଟନ କରିବା ସହିତ ଉପସ୍ଥିତ ସମାବେଶକୁ ସମ୍ବୋଧନ କରିବେ । ପରେ ଶ୍ରୀ ମୋଦି ଅହମ୍ମଦାବାଦ ଗସ୍ତକରି ସହରାଞ୍ଚଳ ପରିବହନ ଭିତ୍ତିଭୂମିର ବିକାଶସ୍ୱରୂପ ସେକ୍ଟର-10Aରୁ ମହାତ୍ମା ମନ୍ଦିର ପର୍ଯ୍ୟନ୍ତ ଅହମ୍ମଦାବାଦ

ମେଟ୍ରୋର ଦ୍ୱିତୀୟ ପର୍ଯ୍ୟାୟର ଉଦ୍‌ଘାଟନ କରିବେ । ସୋମବାର ଦିନ ପ୍ରଧାନମନ୍ତ୍ରୀ ଜର୍ମାନ୍ ଚାନ୍‌ସେଲର୍ ଫ୍ରେଡ୍‌ରିକ୍ ମର୍ଜଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ସେଠାରେ ଉଭୟ ନେତା ଆନ୍ତର୍ଜାତିକ ଗୁଡ଼ି ପର୍ବରେ ଯୋଗଦେବେ ।

---

# ପିଏମ୍-ୟଙ୍ଗ ଲିଡର୍ସ

ଯୁବବର୍ଗ ଏକ ଶକ୍ତ ଓ ପ୍ରଗତିଶୀଳ ଦେଶ ଗଠନ ଦିଗରେ ବିଶେଷ ସହାୟକ ହୋଇଥାନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଆଜି ସାମାଜିକ ଗଣମାଧ୍ୟମରେ ସେ କହିଛନ୍ତି, ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପରେ ଦେଶର ଯୁବବର୍ଗଙ୍କୁ ଯୋଡ଼ାଯିବା ମହତ୍ୱ ରଖୁଛି । ଦେଶର ଅଭିବୃଦ୍ଧି ଓ ପ୍ରଗତିରେ ଯୁବବର୍ଗଙ୍କ ଉତ୍ସାହପୂର୍ଣ୍ଣ ଯୋଗଦାନ ରହିଆସିଛି । ନୂଆଦିଲ୍ଲୀଠାରେ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମବାର୍ଷିକୀ ପରିପ୍ରେକ୍ଷୀରେ ପାଳନ କରାଯାଉଥିବା ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ-୨୦୨୬ର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସେ ସୋମବାର ଯୋଗଦେବେ ବୋଲି ଉଲ୍ଲେଖ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଦେଶ ଏବଂ ବିଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରାୟ ୩ ହଜାର ଯୁବାଙ୍କ ସହ ଭାବ ବିନିମୟ କରିବେ । ଏହି ଅବସରରେ ଦେଶର ବିକାଶ ଲକ୍ଷ୍ୟ ଓ ଦୀର୍ଘମିଆଦୀ ଦେଶ ଗଠନର ଦୃଷ୍ଟିଭଙ୍ଗୀ ଉପରେ ଲେଖାଯାଇଥିବା ପ୍ରବନ୍ଧର ସଂକଳନକୁ ସେ ଉନ୍ମୋଚନ କରିବାର କାର୍ଯ୍ୟସୂଚୀ ରହିଛି ।

ଜାତୀୟ ସ୍ତରର ନେତୃତ୍ୱ ନେବାରେ ଯୁବବର୍ଗଙ୍କ ପାଇଁ ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ ଏକ ମଞ୍ଚ ଭାବେ ଉଭା ହୋଇଛି । ଦେଶକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ କୌଣସି ରାଜନୈତିକ ଦଳ ସହ ସଂପର୍କରେ ନଥିବା ପ୍ରାୟ ୧ ଲକ୍ଷ ଯୁବବର୍ଗଙ୍କୁ ସାମିଲ ହେବା ପାଇଁ ଆହ୍ୱାନ ଦେଇଛନ୍ତି ।

ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପର ୨୦୨୬ ସଂସ୍କରଣରେ ପ୍ରାୟ ବିଭିନ୍ନ ସ୍ତରର ପ୍ରାୟ ୫୦ ଲକ୍ଷ ଯୁବକ ଅଂଶ ଗ୍ରହଣ କରିଛନ୍ତି । ଏହାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଡିଜାଇନ୍ ଫର୍ ଭାରତ, ଟେକ୍ ଫର୍ ବିକଶିତ ଭାରତ- ହ୍ୟାକ୍ ଫର୍ ଏ ସୋସିଆଲ୍ କଜ୍, ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ଆଲୋଚନା ଏବଂ ଏ ସବୁଥିରେ ଅନ୍ତର୍ଜାତୀୟ ଅଂଶ ଗ୍ରହଣକୁ ଗୁରୁତ୍ୱ ଦିଆଯାଇଛି ।

---

# ମାଣ୍ଡବ୍ୟ–ୟଙ୍ଗ ଲିଡର୍ସ

ଦେଶର ଭବିଷ୍ୟତକୁ ପୂର୍ଣ୍ଣ ଆକାର ଦେବା କ୍ଷେତ୍ରରେ ଯୁବଶକ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କେନ୍ଦ୍ର ଯୁବବ୍ୟାପାର ଏବଂ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି । ନୂଆଦିଲ୍ଲୀରେ ଗତକାଲିଠାରୁ ଆରମ୍ଭ ହୋଇଥିବା ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ ୨୦୨୬ର ଆଜି ଆନୁଷ୍ଠାନିକ ଉଦ୍‌ଘାଟନ ସମାରୋହକୁ ସମ୍ବୋଧିତ କରି ଶ୍ରୀ ମାଣ୍ଡବ୍ୟ କହିଛନ୍ତି, ଏହି ସଂଳାପ ଯୁବ ନେତୃତ୍ୱଙ୍କୁ ପ୍ରଯୁକ୍ତିବିଦ୍ୟା, ଉଦ୍ୟମିତା, ପ୍ରଶାସନ, ଅନ୍ତର୍ଭୁକ୍ତିକରଣ ଏବଂ ସାମାଜିକ ବିକାଶ କ୍ଷେତ୍ରରେ ସୃଷ୍ଟି ହେଉଥିବା ସମସ୍ୟାର ସମାଧାନର ଉପାୟ ଖୋଜିବା ନିମନ୍ତେ ଉତ୍ସାହିତ କରିବ ।

ମନ୍ତ୍ରୀ କହିଛନ୍ତି, ଏହି ସଂଳାପ ଜରିଆରେ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ପୂରଣ ନିମନ୍ତେ ନବସୃଜନ ଓ ସାମର୍ଥ୍ୟ ସଂପନ୍ନ ଯୁବପିଢ଼ି ସ୍ଥିର କରାଯିବ । ସେ କହିଛନ୍ତି, ଭାରତର ଜନସଂଖ୍ୟା ଏବଂ ବିଶେଷକରି ଯୁବପିଢ଼ିକୁ ସଶକ୍ତ କରିବା ଓ ସେମାନଙ୍କ ଭିତରେ ଥିବା ନବସୃଜନକୁ ଦେଶର ବିକାଶରେ ଉପଯୋଗ କରିବାର ଆବଶ୍ୟକତା ରହିଛି । ଶ୍ରୀ ମାଣ୍ଡବ୍ୟ କହିଛନ୍ତି ଦେଶ ଗଠନରେ ଯୁବମାନସର ଆବଶ୍ୟକତାକୁ ସରକାର ପ୍ରତିଫଳିତ କରିବା ଲାଗି ପ୍ରତିବଦ୍ଧ ଅଛନ୍ତି ।

ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପକୁ ଉଦ୍‌ଘାଟନ କରି ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍ ଯୁବକମାନଙ୍କୁ ଦେଶର ନେତୃତ୍ୱ ନେବା ଲାଗି ନିଷ୍ପତ୍ତି ନେବାର ସାମର୍ଥ୍ୟ ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ଏକ ଦୃଢ଼ ନେତୃତ୍ୱର ବିଶେଷତ୍ୱ ହେଉଛି ସଠିକ୍ ସମୟରେ ସଠିକ୍ ନିଷ୍ପତ୍ତି ଗ୍ରହଣ କରିବା । ସେ କହିଛନ୍ତି, ଗୋଟିଏ ଦେଶ ସେହି ସମୟରେ ନିରପେକ୍ଷ ରହିପାରିବ, ଯେଉଁ ସମୟରେ ତାହା ବିଦେଶୀ ଶକ୍ତିକୁ ପ୍ରତିହତ କରିପାରିବ ।

## ସିଜେଆଇ-ଟେକ୍ନୋଲୋଜି

ଅପରାଧର ପ୍ରକାର ପରିବର୍ତ୍ତନ ହୋଇଥିବାରୁ ନ୍ୟାୟାଳୟଗୁଡ଼ିକରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ବୃଦ୍ଧି ପାଉଛି । ତେଣୁ ଆଇନଜୀବୀମାନେ ଆଧୁନିକ ପ୍ରଯୁକ୍ତିବିଦ୍ୟାକୁ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି । ଗତକାଲି ହାନସି ବାର୍ ଆସୋସିଏସନ୍‌ର ଏକ ସମ୍ବର୍ଦ୍ଧନା ସମାରୋହରେ ନ୍ୟାୟିକ ଅଧିକାରୀ ଏବଂ

ଆଇନଜୀବୀମାନଙ୍କୁ ସମ୍ବୋଧିତ କରି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି, ଦେଶର ଅର୍ଥନୀତି ଦୃଢ଼ ହେବା ପରେ ବୈଦେଶିକ ପୁଞ୍ଜି ନିବେଶ ବୃଦ୍ଧି ପାଇଛି ଏବଂ ଏହା ଯୋଗୁଁ ବାଣିଜ୍ୟିକ ସମସ୍ୟାରେ ମଧ୍ୟ ବୃଦ୍ଧି ଘଟିଛି । ସେ ଅପରାଧର ପ୍ରକାର ଏବଂ ଦେଶର ପରିବର୍ତ୍ତିତ ପରିସ୍ଥିତିରେ ସୃଷ୍ଟି ହେଉଥିବା ସମସ୍ୟାଗୁଡ଼ିକର ସମାଧାନ ଦିଗରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ସହାୟକ ହେବ ବୋଲି କହିଛନ୍ତି ।

ଅନ୍ୟପକ୍ଷରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ସାଇବର ଅପରାଧ ଓ ଡିଜିଟାଲ୍ ଆରେଷ୍ଟ୍ ଭଳି ମାମଲା ବୃଦ୍ଧି ପାଉଥିବା କହିଛନ୍ତି ।

## ପାର୍ଲାମେଣ୍ଟ ବଜେଟ୍ ସେସନ୍

ସଂସଦର ବଜେଟ୍ ଅଧିବେଶନ ଚଳିତ ମାସ ୨୮ ତାରିଖରୁ ଆରମ୍ଭ ହେବ । ଏହା ଏପ୍ରିଲ୍ ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି, ପ୍ରଥମ ପର୍ଯ୍ୟାୟ ବଜେଟ୍ ଅଧିବେଶନ ଫେବୃୟାରୀ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବା ପରେ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ ତାରିଖରୁ ଆରମ୍ଭ ହେବ । ବେଜଟ୍ ଅଧିବେଶନ-୨୦୨୬ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନୁମତି ଦେଇଥିବା ଶ୍ରୀ ରିଜିଜୁ କହିଛନ୍ତି ।

## ୱାର୍ଲଡ ହିନ୍ଦୀ ଡେ

ବିଶ୍ୱ ହିନ୍ଦୀ ଦିବସ ଆଜି ପାଳନ କରାଯାଉଛି । ବିଦେଶରେ ହିନ୍ଦୀଭାଷାର ପ୍ରଚାର ପ୍ରସାର କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଇଆସୁଛି । କୂଟନୀତି, ଶିକ୍ଷା ଏବଂ ସାଂସ୍କୃତିକ ବିନିମୟ

ଭଳି ବହୁ କ୍ଷେତ୍ରରେ ଅନ୍ତର୍ଜାତୀୟ ସ୍ତରରେ ହିନ୍ଦୀକୁ ପ୍ରୋତ୍ସାହନ ଦେବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ୨୦୦୬ ମସିହାରେ ପ୍ରଥମେ ମହାରାଷ୍ଟ୍ର ନାଗପୁରଠାରେ ବିଶ୍ୱ ହିନ୍ଦୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସେବେଠାରୁ ପ୍ରତିବର୍ଷ ଜାନୁଆରୀ ୧୦କୁ ହିନ୍ଦୀ ଦିବସ ଭାବେ ପାଳନ କରାଯାଉଛି । ବୈଦେଶିକ ମନ୍ତ୍ରଣାଳୟ ଏବଂ ବିଦେଶରେ ଥିବା ଭାରତୀୟ ମିଶନଗୁଡ଼ିକରେ ବାର୍ଷିକ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି ।

ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂ ହିନ୍ଦୀ ଭାଷା ଉପରେ ଗୁରୁତ୍ୱ ଦେଇଛନ୍ତି । ସେ କହିଛନ୍ତି, ଏହି ଭାଷା ସଂସ୍କୃତିକୁ ଜୀବନ୍ତ ରଖିବା ସହ ଅନ୍ତର୍ଜାତୀୟ ସ୍ତରରେ ଦେଶର ସଂସ୍କୃତି ଓ ସମୃଦ୍ଧ ଐତିହ୍ୟକୁ ପ୍ରଚାର ପ୍ରସାର କରିବା ଦିଗରେ ବେଶ୍ ସହାୟକ ହେଉଛି ।

ବିଶ୍ୱ ହିନ୍ଦୀ ଦିବସ ପୂର୍ବରୁ ଗତକାଲି ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶ୍ରୀ ସିଂ କହିଥିଲେ, ପ୍ରବାସୀ ଭାରତୀୟଙ୍କ ସହିତ ସଂପର୍କ ଯୋଡ଼ିବାରେ ତାଙ୍କ ମନ୍ତ୍ରଣାଳୟ ପ୍ରମୁଖ ଭୂମିକା ନିର୍ବାହ କରୁଛି । ପ୍ରାୟ ଶହେରୁ ଅଧିକ ଦେଶରେ ୭୭୦ଟି ଅନୁଷ୍ଠାନ ମାଧ୍ୟମରେ ହିନ୍ଦୀ ଭାଷାରେ ଶିକ୍ଷା ଦିଆଯାଉଛି । ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ବାର୍ତ୍ତା ପାଠ କରାଯାଇଥିଲା । ସେ କହିଥିଲେ, ବିଶ୍ୱର ବିଭିନ୍ନ ସ୍ଥାନରେ ଏହି ଦିବସକୁ ପାଳନ କରାଯିବା ଖୁସିର କଥା । ପ୍ରବାସୀ ଭାରତୀୟଙ୍କୁ ହିନ୍ଦୀ ଭାଷାର ଆମ୍ବାସଡର ଭାବେ ସେ ଅଭିହିତ କରିଛନ୍ତି । ଭାରତର ଅଭିବୃଦ୍ଧି ଓ ବିଶ୍ୱସ୍ତରରେ ଏହାର ପ୍ରଭାବକୁ ଦେଖି ଲୋକମାନେ ଭାରତ ଓ ହିନ୍ଦୀ ପ୍ରତି ଆକୃଷ୍ଟ ହେଉଛନ୍ତି ବୋଲି ଶ୍ରୀ ମୋଦୀ ତାଙ୍କ ବାର୍ତ୍ତାରେ କହିଛନ୍ତି ।

# ପି.ଏମ୍. - ପ୍ରଗତି ସ୍ପେଶାଲ ଷ୍ଟୋରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛ ଶାସନ ଏବଂ ସମୟୋପଯୋଗୀ ପଦକ୍ଷେପ ପାଇଁ ଉଦ୍ଦିଷ୍ଟ ପ୍ରଗତି ପ୍ଲାଟ୍‌ଫର୍ମ ଏହାର ୫୦ତମ ବୈଠକ ଶେଷ କରିଛି । ୨୦୧୫ ରେ ଶ୍ରୀ ମୋଦୀଙ୍କ ଦ୍ୱାରା ଏହି ପ୍ଲାଟ୍‌ଫର୍ମ୍‌ର ଶୁଭାରମ୍ଭ ହେବା ପରଠାରୁ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଦେଶର ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକରେ ଦେଖାଦେଉଥିବା ସମସ୍ୟା ଗୁଡ଼ିକର ସମାଧାନ କରି ଏହାକୁ ସଫଳତାରେ ପରିଣତ କରିଛି । ଏହି ପ୍ରଗତି ମଞ୍ଚରେ କେନ୍ଦ୍ର କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟଗୁଡ଼ିକୁ ସାମିଲ ହୋଇ ସମସ୍ୟା ସମାଧାନ ଦିଗରେ ନିରନ୍ତର ପଦକ୍ଷେପ ନିଆଯାଉଛି । ଆଜି ଏହି ଶୃଙ୍ଖଳାରେ ଆସନ୍ତୁ ଜାଣିବା ପ୍ରଗତି ମଞ୍ଚରେ କିଭଳି ପଞ୍ଜାବରେ ଜାତୀୟ ରାଜପଥର ଫଗୱାରା-ରୂପନଗର ଅଂଶର ଚାରିଲେନ୍ ରାସ୍ତାର ନିର୍ମାଣ କାର୍ଯ୍ୟରେ ସୃଷ୍ଟି ହୋଇଥିବା ସମସ୍ୟାର ସମାଧାନ ହୋଇଥିଲା ।

ପଞ୍ଜାବର ଫଗୱାରାରୁ ରୂପନଗର ପର୍ଯ୍ୟନ୍ତ ଚାରିଲେନ୍ ବିଶିଷ୍ଟ ଜାତୀୟ ରାଜପଥ ଏକ ଗୁରୁତ୍ୱପୂର୍ଣ୍ଣ ରଣନୈତିକ କରିଡର । ଏହା ଜଳନ୍ଧର ଏବଂ ଫଗୱାରାର ଶିଳ୍ପସଂସ୍ଥାଗୁଡ଼ିକୁ ସଂଯୋଗ ସ୍ଥାପନ କରିଥାଏ । ୮୮ କିଲୋମିଟର ବ୍ୟାପୀ ଏହି ପ୍ରକଳ୍ପ ଅମୃତସର ଏବଂ ଚଣ୍ଡୀଗଡ଼ ମଧ୍ୟରେ ସବୁଠାରୁ କ୍ଷୁଦ୍ରତମ ମାର୍ଗ ହୋଇଥିବାବେଳେ ସେଠାକାର ପ୍ରମୁଖ ଶିଖ୍ ତୀର୍ଥସ୍ଥଳଗୁଡ଼ିକୁ ସଂଯୋଗ ସ୍ଥାପନ କରିଥିଲା । ତେବେ ଏହି ପ୍ରକଳ୍ପରେ ଜମି ଅଧିଗ୍ରହଣ ଏବଂ କ୍ଷତିପୂରଣ ବଣ୍ଟନ ସମ୍ପର୍କିତ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା । ୨୦୧୮ ମସିହା ଅଗଷ୍ଟ ମାସରେ ପ୍ରଗତି ସମୀକ୍ଷା ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଞ୍ଜାବ ସରକାରଙ୍କୁ ଜମି ଅଧିଗ୍ରହଣ ଏବଂ ହସ୍ତାନ୍ତର ପ୍ରକ୍ରିୟା

ତ୍ୱରାନ୍ୱିତ କରିବା ନେଇ ନିର୍ଦ୍ଦେଶ ଦେଇଥିଲେ । ୨୦୨୧ ଜୁନ୍ ୨୬ ତାରିଖରେ ଏହି ପ୍ରକଳ୍ପ ସଫଳତାର ସହ କାର୍ଯ୍ୟକ୍ଷମ ହୋଇଥିଲା । ଫଳରେ ଯାତ୍ରା ସମୟ ହ୍ରାସ ପାଇବା ସହ ଯାନବାହନ ପରିଚାଳନା ଖର୍ଚ୍ଚ ମଧ୍ୟ ବହୁ ପରିମାଣରେ ହ୍ରାସ ପାଇଥିଲା ।

## ଡବ୍ଲ୍ୟୁ.ପି.ଏଲ୍. - କ୍ରିକେଟ୍

ମହିଳା ପ୍ରିମିୟର ଲିଗ୍ କ୍ରିକେଟ୍‌ରେ ଆଜି ଦୁଇଟି ମ୍ୟାଚ୍ ଖେଳାଯିବ । ନଭି ମୁମ୍ବାଇର ଡକ୍ଟର ଡି.ୱାଇ. ପାଟିଲ୍ କ୍ରୀଡ଼ା ଏକାଡେମୀରେ ଅପରାହ୍ଣ ୩ଟାରେ ପ୍ରଥମ ମ୍ୟାଚ୍ ୟୁ.ପି. ୱାରିୟର୍ସ ଏବଂ ଗୁଜରାଟ ଜାଏଣ୍ଟସ୍ ମଧ୍ୟରେ ଏବଂ ଦ୍ୱିତୀୟ ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍‌ସ୍ ମଧ୍ୟରେ ଖେଳାଯିବ ।

ଗତକାଲି ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୩ ୱିକେଟ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଥିଲା ।